**ସଂକ୍ଷେପରେ**

## ବେଆଇନ ଲଘୁ ଖଣିଜ ଚାଲାଣ, ୩ ଗାଡ଼ି ଜବତ

**କାମାକ୍ଷାନଗର/ଭୁବନ, ୨୪।୮ (ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ତହସିଲ ପ୍ରଶାସନ ପକ୍ଷରୁ ବାଲିଗୋରଡ଼ ନିକଟରେ ମଙ୍ଗଳବାର ଚଢ଼ାଉ କରାଯାଇ ୨ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଉଭୟ ଗାଡ଼ିରୁ ୨୦ ହଜାର ୧୨୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ବାଲିଘାଟରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ସୂଚନା ପାଇ ତହସିଲଦାର ସଞ୍ଜୟ ରାଉତଙ୍କ ନିର୍ଦ୍ଦେଶରେ ଅତିରିକ୍ତ ତହସିଲଦାର ଝସକେତନ ନାୟକ, ମଠକରଗୋଳା ଆର୍‌ଆଇ ଅନିଲ ସାହୁ, କାଦୁଆ ଆର୍‌ଆଇ ଇନ୍ଦ୍ରମଣି ଭୋଇ ପ୍ରମୁଖ ଚଢ଼ାଉ କରିଥିଲେ। ସେହିପରି ଭୁବନ ତହସିଲଦାର ମଙ୍ଗଳବାର ଏକ ବେଆଇନ ପଥର ବୋଝେଇ ଟ୍ରକ୍ (ନଂ. ଓଆର୍ ୧୯-୭୭୮୫) ଜବତ କରିଛନ୍ତି। ପୁରୁଣା ଟ୍ରାଞ୍ଜିଟ୍ ପାସ୍‌ରେ ଉକ୍ତ ପଥର ଗଁଦିଆ ଅଞ୍ଚଳକୁ ଭୁବନକୁ ଚାଲାଣ ହେଉଥିଲା। ଜବତ ଟ୍ରକ୍‌କୁ ପୋଲିସ ଜିମା ଦିଆଯାଇଛି।

## ଏକାଧିକ ପ୍ରକଳ୍ପ ଶିଳାନ୍ୟାସ, ଲୋକାର୍ପଣ



**ରାସୋଳ, ୨୪।୮ (ଡି.ଏନ୍.ଏ.):** ଢେଙ୍କାନାଳ ଏମ୍‌ପି ମହେଶ ସାହୁ ମଙ୍ଗଳବାର ହିନ୍ଦୋଳ ବ୍ଲକ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ଏକାଧିକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ରାସୋଳ ସରସ୍ୱତୀ ଶିଶୁ ମନ୍ଦିର ପରୀକ୍ଷା କକ୍ଷ ଲାଗି ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ ଏମ୍‌ପି ଏହାର ଶିଳାନ୍ୟାସ କରିଥିଲେ। ସେହିପରି ରାସୋଳ ମହିଳା କଲେଜର ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସୁରକ୍ଷା ପାଚେରି, ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହିନ୍ଦୋଳ ମିନି ଷ୍ଟାଡିୟମ୍ ଉଦ୍‌ଘାଟନ କରିଥିଲେ। ମଧ୍ୟାହ୍ନରେ ଏମ୍‌ପି କନ୍ତାମିଲା ଯୁବକ ସଂଘ ଦ୍ୱାରା ଆୟୋଜିତ ରକ୍ତଦାନ ଶିବିରରେ ଯୋଗଦେଇଥିଲେ। ଏହାପରେ ୧୦ ଲକ୍ଷ ଟଙ୍କାରେ ପ୍ରସ୍ତାବିତ ହାତୁରା ସ୍କୁଲର ଅତିରିକ୍ତ ଶ୍ରେଣୀଗୃହ, ୧୦ ଲକ୍ଷ ଟଙ୍କାରେ ନିର୍ମାଣ ହେବାକୁ ଥିବା ଖଜୁରିଆକଟା ଶିଶୁମନ୍ଦିର ପରୀକ୍ଷା କକ୍ଷର ଶିଳାନ୍ୟାସ କରିଥିଲେ। ଶେଷରେ ବାଙ୍କିଟିଆସ୍ଥିତ ଗଣେଶ୍ୱର କ୍ଲବର ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ଏନ୍‌ଏସି ଅଧ୍ୟକ୍ଷା ରୀନା ବେହେରା, ଜିଲା ପରିଷଦ ସଭ୍ୟା ରୀତା ପ୍ରଧାନ, ଯୁବ ବିଜେଡି ସମ୍ପାଦକ ପ୍ରଶାନ୍ତ ଦାସ, ବୁଲୁ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## 'ଜଣେ ଗୋଟିଏ ଚାରା ଲଗାଅ'

**ଢେଙ୍କାନାଳ ଅଫିସ, ୨୪।୮:** ଢେଙ୍କାନାଳ ରେଡ୍‌କ୍ରସ୍ ରାପିଡ୍ ରେସପନ୍ସ ଗ୍ରୁପ୍ ପକ୍ଷରୁ ଶିଶୁଗୃହ ପରିସରରେ ନିଆରା ଢଙ୍ଗରେ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଶିଶୁଗୃହ ପରିସରରେ ଥିବା ଗଛରେ ଅନ୍ତେବାସୀମାନେ ରାଖୀ ବାନ୍ଧିବା ସହ ଗଛର ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ। 'ଜଣେ ଗୋଟିଏ ଗଛ' ଲଗାଇବାକୁ ଆହ୍ୱାନ ଦିଆଯାଇଥିଲା। ଜିଲା ରେଡ୍‌କ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣି, ଅକ୍ଷୟ ଜେନା, ରାଜକିଶୋର ବେହେରା, ଦିଲୀପ ସାହାଣୀ, ଶିବ ପ୍ରସାଦ ପଣ୍ଡା, ରାମେଶ୍ୱର ମାଇତି, ଚିନ୍ମୟ ଜେନା, ସୁଜିତ୍ ନନ୍ଦ, ଦୀପୁନା ପ୍ରଧାନ, କାଦମ୍ବରୀ ମହାକୁଡ, ରଶ୍ମିତା ରଥ, କବିତା ବେହେରା, ପ୍ରିୟଙ୍କା ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିର ସାଙ୍ଗଠନିକ ବୈଠକ

**ଭୁବନ, ୨୪।୮ (ଡି.ଏନ.ଏ):** ଢେଙ୍କାନାଳ ଜିଲା ଭୁବନ ବାଜିରାଉତ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ବ୍ଲକ ଏବଂ ଏନ୍‌ଏସି ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ୱାର୍ଡସ୍ତରରୁ ସମୀକ୍ଷା କରି ସଙ୍ଗଠନ ସଜାଡ଼ିବାକୁ ପରାମର୍ଶ ଦେଇଥିଲେ। ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବୀମା ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ, ସାଗରିକା ମିଶ୍ର, ତିଳୋତ୍ତମା ଚୌଧୁରୀ, ଧର୍ମାନନ୍ଦ ପରିଡ଼ା, ସୁରଜ ମହାପାତ୍ର, ନନ୍ଦକିଶୋର ସାହୁ, ପ୍ରବୋଧ ଦାସ, ମାୟାଧର ସାହୁ, ଅଜୟ ସେଠୀ, ସନ୍ଧ୍ୟାରାଣୀ ନାୟକ, ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବୃଦ୍ଧି ପାଉଛନ୍ତି ବାଘ

**ଢେଙ୍କାନାଳ ଅଫିସ, ୨୪।୮**



ଟ୍ରାପ୍ କ୍ୟାମେରା ଲେନ୍‌ସରେ କଏଦ ହୋଇଥିବା ବାଘ।

- ଜଙ୍ଗଲ ପରିସୀମା ବଢ଼ିବାର ସୁଫଳ
- ସଂରକ୍ଷିତ ଜଙ୍ଗଲରେ ସୁରକ୍ଷା ଜରୁରୀ
- ଖାଦ୍ୟାଭାବ ଦୂର ଲାଗି ଯୋଜନା ଲୋଡ଼ା

ଢେଙ୍କାନାଳ ଜିଲାରେ କଲରାପତିରିଆ ବାଘ ସଂଖ୍ୟାରେ ବୃଦ୍ଧି ଘଟିଛି। ୧୦ ବର୍ଷ ତଳେ କାଁ ଭାଁ ଠାବ କରାଯାଉଥିବା ଏହି ବାଘ ଏବେ ନିୟମିତ ଟ୍ରାପ୍ କ୍ୟାମେରା ଲେନ୍‌ସରେ ଧରାପଡୁଛନ୍ତି। ନିକଟରେ ଏହି ତାଲିକାରେ ସାମିଲ ହୋଇଛି ଏକ ଚିତାବାଘ। ଏହାକୁ ଜଙ୍ଗଲ ସଂରକ୍ଷଣ ଦିଗରେ ଶୁଭସଙ୍କେତ ବୋଲି କୁହାଯାଉଛି। ଅନ୍ୟପଟେ ସୁରକ୍ଷା ବ୍ୟବସ୍ଥା ଏବଂ ଖାଦ୍ୟାଭାବ ସମସ୍ୟା ଦୂର କରିବା ଲାଗି ଆବଶ୍ୟକ ଯୋଜନା କରାଗଲେ ଜିଲାରେ ବାଘଙ୍କ ସଂଖ୍ୟା ଆହୁରି ବଢ଼ିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

ଜିଲାରେ ୧୦ବର୍ଷ ତଳେ ଗୋଟିଏ କିମ୍ବା ୨ କଲରାପତିରିଆ ବାଘ ବିଚରଣ କରୁଥିଲେ। ସେତେବେଳେ ଜଙ୍ଗଲରେ ଟ୍ରାପ୍ କ୍ୟାମେରା ଲାଗି ନ ଥିଲା। ଏହି ବାଘ ପଡ଼ୋଶୀ ଜିଲାରୁ ପ୍ରବେଶ କରୁଥିବା ଅନୁମାନ କରାଯାଉଥିଲା। ଗତ ଦଶନ୍ଧି ମଧ୍ୟରେ ବନ ବିଭାଗର କାର୍ଯ୍ୟାନୁଷ୍ଠାନରେ ଶିକାରୀଙ୍କ ଉପଦ୍ରବ ଅପେକ୍ଷାକୃତ ହ୍ରାସ ପାଇଛି। ଗତ ୫ ବର୍ଷରେ ୪ ହଜାର ୨୬୧ ହେକ୍ଟର ଜଙ୍ଗଲ ବଢ଼ିଛି। ୨୦୧୫ରେ ଜିଲାରେ ୧ଲକ୍ଷ ୪୦ହଜାର ୩୦୦ ହେକ୍ଟର ଜଙ୍ଗଲ ଥିବା ସାଟେଲାଇଟ ସର୍ଭେରୁ ସ୍ପଷ୍ଟ ହୋଇଥିଲା। ୨୦୨୦-୨୧ରେ ଏହା ୧ଲକ୍ଷ ୪୪ହଜାର ୫୬୧ ହେକ୍ଟରରେ ପହଞ୍ଚିଛି। ଜଙ୍ଗଲ ବଢ଼ିବା ଦ୍ୱାରା ହରିଣ, ବାର୍‌ହା, କୁଟୁରାଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ଏହି ପ୍ରଜାତିର ବନ୍ୟପ୍ରାଣୀଙ୍କ ସଂଖ୍ୟା ବଢ଼ିଲେ ସମାନ୍ତରାଳ ଭାବେ ବାଘଙ୍କ ସଂଖ୍ୟା ମଧ୍ୟ ବଢ଼ିବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ମତ ଦେଇଛନ୍ତି।

କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ୍ ଅଧୀନ ଅନନ୍ତପୁର ସଂରକ୍ଷିତ ଜଙ୍ଗଲ, ହିନ୍ଦୋଳ ରେଞ୍ଜ୍ ଅନ୍ତର୍ଗତ କନ୍ଧରା ସଂରକ୍ଷିତ ଜଙ୍ଗଲରେ କଲରାପତିରିଆ ବାଘ ଅଛନ୍ତି। ନିକଟରେ ଜିଲାରେ ଏକ ସଂରକ୍ଷିତ ଜଙ୍ଗଲରେ ଚିତାବାଘ ବୁଲୁଥିବା ଟ୍ରାପ୍ କ୍ୟାମେରା ଫଟୋରୁ ସ୍ପଷ୍ଟ ହୋଇଛି। ଜିଲା ବନଖଣ୍ଡ ଅଧିକାରୀ ଟୁଇଟ୍ ମାଧ୍ୟମରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏଥିସହ ଜିଲାରେ ବାଘ ଗଣନା ଲାଗି ବନ ବିଭାଗ ପ୍ରସ୍ତୁତି ଆରମ୍ଭ କରିଛି। ବାଘ ବିଚରଣ କରୁଥିବା ଅଞ୍ଚଳ ଉପରେ କଡ଼ା ନଜର ରଖିବା, ଶିକାରୀଙ୍କ ଉପଦ୍ରବ ରୋକିବା ଲାଗି ବହୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ସତ୍ତ୍ୱେ ବାଘ ଶିକାର ପାଇଁ ଦୁର୍ନାମ ମୁଣ୍ଡାଇଛି ଢେଙ୍କାନାଳ ଜିଲା। ଗତ ଫେବୃୟାରୀ ୭ରେ ବାଘଛାଲ ଚାଲାଣ ପଛରେ ଥିବା ଏକ ର୍‍ୟାକେଟ୍‌ର ରହସ୍ୟ ଉନ୍ମୋଚନ କରିଥିଲେ କପିଳାସ ରେଞ୍ଜ୍‌ର କର୍ମଚାରୀ। କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅନ୍ତର୍ଗତ କଙ୍କଡ଼ାହାଡ଼ ବ୍ଲକର ଅନନ୍ତପୁର ସଂରକ୍ଷିତ ଜଙ୍ଗଲରୁ ୨ କଲରାପତିରିଆ ବାଘ ଶିକାର କରାଯାଇଥିଲା। ଏହାର ଛାଲ ବାହାରକୁ ଚାଲାଣ କରାଯାଉଥିବାବେଳେ ବନ ବିଭାଗ ମାଡ଼ି ବସିଥିଲା। ଏହି ଘଟଣାରେ ଜଣେ ଶିକ୍ଷକଙ୍କ ସମେତ ୩ଜଣ ଗିରଫ ହୋଇଥିଲେ। ଏବେ ସଂରକ୍ଷିତ ଜଙ୍ଗଲରେ ବାଘଙ୍କୁ ସୁରକ୍ଷା ଦେବା ବନ ବିଭାଗ ପାଇଁ ଚ୍ୟାଲେଞ୍ଜ ପାଲଟିଛି।

### ତୃଣଭୋଜୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ବାଘ ଭଳି ମାଂସାଶୀ ପ୍ରାଣୀଙ୍କ ବଂଶବୃଦ୍ଧିରେ ହରିଣ, କୁଟୁରା ଭଳି ତୃଣଭୋଜୀ ପ୍ରାଣୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏମାନଙ୍କ ସଂଖ୍ୟା ବଢ଼ିଲେ ବାଘ ସଂଖ୍ୟା ଆନୁପାତିକ ହାରରେ ବୃଦ୍ଧି ପାଇବ। ଶିକାରୀଙ୍କ ଉପରେ ବନ ବିଭାଗ ନଜର ରଖିଛି। ସଂରକ୍ଷିତ ଜଙ୍ଗଲରେ ସୁରକ୍ଷା ଆହୁରି କଡ଼ାକଡ଼ି ହେଲେ ଭଲ ଫଳ ମିଳିବ।

-ଅରବିନ୍ଦ ମାଝି, ବନ୍ୟପ୍ରାଣୀ ବିଶେଷଜ୍ଞ

### ଜଙ୍ଗଲରେ ଅନଧିକାର ପ୍ରବେଶ କମିଛି



ଜିଲାର ସଂରକ୍ଷିତ ଜଙ୍ଗଲ ମଧ୍ୟକୁ ଅନଧିକାର ପ୍ରବେଶ ଅନେକାଂଶରେ ରୋକାଯାଇପାରିଛି। ଶିକାରୀଙ୍କ ଉପଦ୍ରବ ମଧ୍ୟପୂର୍ବାପେକ୍ଷା କମିଛି। ଜଙ୍ଗଲରେ ବାର୍‌ହା, ହରିଣଙ୍କ ସଂଖ୍ୟା ବଢୁଥିବାରୁ ବାଘ ସଂଖ୍ୟା ବୃଦ୍ଧି ପାଉଛି। ଜଙ୍ଗଲ ସୁରକ୍ଷା ପାଇଁ ଏହା ଶୁଭ ସଙ୍କେତ।

-ରାଜେନ୍ଦ୍ର ପାଣିଗ୍ରାହୀ, ଜୀବଜନ୍ତୁ କଲ୍ୟାଣ ଓ ଥଇଥାନ ସମିତି

### ଶିକାରୀଙ୍କୁ ରୋକିବାକୁ ପଦକ୍ଷେପ ନିଆଯାଉଛି



ଜଙ୍ଗଲରେ ଲାଗିଥିବା ଟ୍ରାପ୍ କ୍ୟାମେରାରୁ ବାଘଙ୍କ ଗତିବିଧି ଜଣାପଡୁଛି। ଜିଲାର ବିଭିନ୍ନ ଜଙ୍ଗଲରେ ୭ ଚିତାବାଘ ଥିବା ପ୍ରାଥମିକ ପର୍ଯ୍ୟାୟରୁ ଜଣାପଡ଼ିଛି। ଶିକାରୀଙ୍କ ଉପଦ୍ରବ ରୋକିବାକୁ ସମସ୍ତ ପଦକ୍ଷେପ ନିଆଯାଉଛି। ବାଘ ଗଣନା ପାଇଁ ବିଭାଗ ପ୍ରସ୍ତୁତ ରହିଛି।

-ଡା. ପ୍ରକାଶଚାନ୍ଦ ଗୋଗିନେନି, ଜିଲା ବନଖଣ୍ଡ ଅଧିକାରୀ

## ଚୋରି ଇଲେକ୍ଟ୍ରୋନିକ୍ ଉପକରଣ ଜବତ, ୩ ଗିରଫ



ଜବତ ଚୋରି ସାମଗ୍ରୀ ସହ ଗିରଫ ଅଭିଯୁକ୍ତ।

**କାମାକ୍ଷାନଗର, ୨୪।୮ (ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଇସିଙ୍ଗା ହାଇସ୍କୁଲରୁ ଚୋରି ହୋଇଥିବା ଏଲ୍‌ଇଡି ଟିଭି ଏବଂ ସାଉଣ୍ଡ୍ ସିଷ୍ଟମକୁ ପୋଲିସ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବାଇସିଙ୍ଗାର ସୁବାସ ଚନ୍ଦ୍ର ନାୟକ (୨୨), ତାଳଗୋରଡ଼ର ପପୁନ ସିଂ (୨୩) ଏବଂ ଚୋରି ଏଲ୍‌ଇଡି ଟିଭି କିଣିଥିବା ବଣସିଂହ ଟଭାପାଳ ଗ୍ରାମର ରାଜେଶ ବେହେରା। ଗତ ଜୁଲାଇ ୨୧ ରାତିରେ ବାଇସିଙ୍ଗା ହାଇସ୍କୁଲରୁ ୫୫ ଇଞ୍ଚର ଏକ ଏଲ୍‌ଇଡି ଟିଭି ଏବଂ ମୂଲ୍ୟବାନ ସାଉଣ୍ଡ୍ ସିଷ୍ଟମ ଚୋରି ହୋଇଥିଲା। ଏ ନେଇ ୩୦ ତାରିଖରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଗତ ରବିବାର ପୋଲିସ ଚୋରି ସାମଗ୍ରୀ ଜବତ କରିଥିଲା। ପପୁନ୍‌ଙ୍କଠାରୁ ରାଜେଶ ଉକ୍ତ ଟିଭି କିଣିଥିବାବେଳେ ସୁବାସଙ୍କ ପାଖରେ ସାଉଣ୍ଡ୍ ସିଷ୍ଟମ ଥିଲା। ମଙ୍ଗଳବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାର ସେକେଣ୍ଡ ଅଫିସର ପ୍ରଶାନ୍ତ କୁମାର ଲେଙ୍କା ସୂଚନା ଦେଇଛନ୍ତି।



ଓକିଲ ସଂଘର କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# କୋର୍ଟ ସମ୍ମୁଖରେ ଆଇନଜୀବୀଙ୍କ ଧାରଣା

**ଢେଙ୍କାନାଳ ଅଫିସ, ୨୪।୮**

- ୧୫ଦିନରେ ଆନ୍ଦୋଳନ
- ସମାଧାନ ପାଇଁ ଜିଲାପାଳଙ୍କ ଉଦ୍ୟମ
- ୨୬ରେ ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ

ଢେଙ୍କାନାଳ ଜିଲା ଓକିଲ ସଂଘ ପକ୍ଷରୁ ୩ ଦଫା ଦାବି ନେଇ ଚାଲିଥିବା ଆନ୍ଦୋଳନ ୧୫ଦିନରେ ପହଞ୍ଚିଛି। ମଙ୍ଗଳବାର ସଂଘ ପକ୍ଷରୁ ସିଭିଲ କୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦିଆଯାଇ ପ୍ରତିବାଦକୁ ଆହୁରି ଜୋର୍‌ଦାର କରାଯାଇଛି। ଅନ୍ୟପଟେ ସମସ୍ୟାର ସମାଧାନ ଲାଗି ଜିଲାପାଳ ସରୋଜ କୁମାର ସେଠୀ ଉଦ୍ୟମ ଆରମ୍ଭ କରିଛନ୍ତି। ଆସନ୍ତା ୨୬ ତାରିଖରେ ଜିଲା ପ୍ରଶାସନ, ଜିଲା ଦୌରାଜଜ୍ ଓ ଏସ୍‌ପିଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ ବୋଲି ସେ ସୂଚନା ଦେଇଛନ୍ତି।

ଓକିଲ ସଂଘ ସଦସ୍ୟଙ୍କ ନାମରେ ମିଥ୍ୟ ମାମଲା ରୁଜୁ କରିଥିବା ଟାଉନ ଥାନାଧିକାରୀଙ୍କୁ ତୁରନ୍ତ ଜିଲା ବାହାରକୁ ବଦଳି, ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର, ନିଃସର୍ତ୍ତ କ୍ଷମା ପ୍ରାର୍ଥନା ଦାବିରେ ଜିଲା ଆଇନଜୀବୀ ସଂଘ ପକ୍ଷରୁ ୧୫ଦିନ ହେଲା କୋର୍ଟ ବର୍ଜନ କରାଯାଇଛି। ସିଏସ୍‌ଆଇ କୋର୍ଟ କାର୍ଯ୍ୟାଳୟ ବନ୍ଦ କରିଦିଆଯାଇଛି। ଜିଲାର ସମସ୍ତ ଥାନା, ଫାଣ୍ଡିର ପୋଲିସ ଏବଂ ସେମାନଙ୍କ ଗାଡ଼ିକୁ କୋର୍ଟ ପରିସରକୁ ବାରଣ କରାଯାଇଛି। ମାମଲା ଜଟିଳ ରୂପ ନେଉଥିବାବେଳେ ଅପରାହ୍ନରେ ଜିଲାପାଳ ସେଠୀ ଓକିଲ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବା ସହ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ବିବାଦର ସମାଧାନ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିସହ ଏକ ଦାବିପତ୍ର ଜିଲାପାଳଙ୍କୁ ଦିଆଯାଇଛି। ଆଲୋଚନା ସମୟରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ଓକିଲ ସଂଘ ସଭାପତି ସଞ୍ଜୟ ମିଶ୍ର, ଉପସଭାପତି ସରୋଜ କୁମାର ପାଢୀ, ସମ୍ପାଦକ ଟଙ୍କାଧର ବେହେରା, ସହ ସମ୍ପାଦକ ପ୍ରଶାନ୍ତ ସାହୁ, ଦୀପକ ପ୍ରସାଦ ପଟ୍ଟନାୟକ, ନବକିଶୋର ଗୁରୁ, ଓମ୍ ପ୍ରକାଶ ଶରଣ, କୃଷ୍ଣଚନ୍ଦ୍ର ସାହୁ, ସୁଧାଂଶୁ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

# ନନ୍ଦିନୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

**ଢେଙ୍କାନାଳ ଅଫିସ, ୨୪।୮**

ଢେଙ୍କାନାଳ ସହରରେ ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ଲାଗି ଜିଲା ଯୁବ କଂଗ୍ରେସ ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାର ବିକାଶରେ ନନ୍ଦିନୀଙ୍କ ଅବଦାନ ଅତୁଳନୀୟ। ହେଲେ ତାଙ୍କୁ ଯଥାଚିତ ସମ୍ମାନ ପ୍ରଦାନ କରାଯାଇନାହିଁ। ଢେଙ୍କାନାଳ ମହିଳା ମହାବିଦ୍ୟାଳୟକୁ ନନ୍ଦିନୀ ଦେବୀଙ୍କ ନାମରେ ନାମିତ କରିବା, ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବା ଏବଂ କୁଞ୍ଜକାନ୍ତସ୍ଥିତ ତାଙ୍କ ବାସଭବନଠାରୁ ଢେଙ୍କାନାଳ କଲେଜ ବାଇପାସ୍ ପର୍ଯ୍ୟନ୍ତ ରାସ୍ତାକୁ ନନ୍ଦିନୀ ଶତପଥୀ ମାର୍ଗ ନାମରେ ନାମିତ କରିବାକୁ ଯୁବ କଂଗ୍ରେସ ସଭାପତି ଜ୍ୟୋତିର୍ମୟ ପାଲ, ସଚ୍ଚିଦାନନ୍ଦ ନନ୍ଦ, ପ୍ରଦ୍ୟୁମ୍ନ ସାହୁ, ରାମଚନ୍ଦ୍ର ନାୟକ, ସୌମ୍ୟରଞ୍ଜନ ପ୍ରଧାନ, ହିତେଶ ହୋତା, ରାକେଶ ପାତ୍ର, ଅବିନାଶ ଦାସ, ସିଦ୍ଧାନ୍ତ ମିଶ୍ର, ବିକ୍ରମ ବେହେରା, ସୋହେଲ ଏକାମ୍ର, ସୌମ୍ୟ ପତି ପ୍ରମୁଖ ଦାବି କରିଛନ୍ତି।



ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଜିଲା ଯୁବ କଂଗ୍ରେସ ଦଳର କାର୍ଯ୍ୟକର୍ତ୍ତାମାନେ।

## କରୋନାରେ ୮ ମୃତ

**ଢେଙ୍କାନାଳ ଅଫିସ, ୨୪।୮** ଢେଙ୍କାନାଳ ଜିଲାର ଆଉ ୮ ସଂକ୍ରମିତଙ୍କ ମୁଣ୍ଡ ନେଇଛି କରୋନା। ଏହାକୁ ମିଶାଇ ଜିଲାର ମୋଟ୍ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୦୮ରେ ପହଞ୍ଚିଛି। ସେହିପରି ଦିନକରେ ୬ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୧, ହିନ୍ଦୋଳ ବ୍ଲକର ୨, କାମାକ୍ଷାନଗର ବ୍ଲକର ୧, ଓଡ଼ାପଢ଼ା ବ୍ଲକର ୧, ଗଁଦିଆ ବ୍ଲକର ଜଣେ ଅଛନ୍ତି। ଜିଲାରେ ବୋଟ ୧୪୫ ଜଣ ସକ୍ରିୟ ଆକ୍ରାନ୍ତ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଦଳୀୟ କର୍ମୀଙ୍କୁ ଗୁରୁମନ୍ତ୍ର ଦେଲେ ମନ୍ତ୍ରୀ

**କାମାକ୍ଷାନଗର, ୨୪।୮ (ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଅନନ୍ତପୁରସ୍ଥିତ ବିଜେଡି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକ ଏବଂ ଏନ୍‌ଏସିସ୍ତରୀୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳୀୟ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଆଗାମୀ ଦିନରେ ପଞ୍ଚାୟତ ଏବଂ ଏନ୍‌ଏସିରେ ନିର୍ବଚନ ଅନୁଷ୍ଠିତ ହେବ। ଏଥିଲାଗି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ। ସଙ୍ଗଠନକୁ ସୁଦୃଢ଼ କରିବା ଲାଗି ନୂତନ ଭାବେ ଯୋଜନା ପ୍ରସ୍ତୁତ କରାଯିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଗରିବଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେସବୁ ଯେପରି ଲୋକଙ୍କ ପାଖରେ ପହଞ୍ଚିବ ଏବଂ ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଜିଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ, ବ୍ଲକ ସଭାପତି ଲଳିତ ସାହୁ, ବରିଷ୍ଠ ନେତା ବ୍ରହ୍ମାନନ୍ଦ ମହାନ୍ତି, ଆଦିତ୍ୟ ଆଚାର୍ଯ୍ୟ, ଜିଲା ଛାତ୍ର ବିଜେଡି ସଭାପତି ମହାପାତ୍ର, ରଞ୍ଜିତା ବେହେରା, ସୂର୍ଯ୍ୟ ସସ୍ମିତ ସାହୁ, ବିରଜା ସାସମଲ, ଯୋଗେଶ୍ୱର ନାୟକଙ୍କ ସମେତ ୩୦୦ରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ। ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ, ଏନ୍‌ଏସି ଏବଂ ପୌର ପରିଷଦ ନିର୍ବାଚନ ହେବାକୁ ଥିବା ବେଳେ ବିଜେଡି ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହେଉଛି। ବରିଷ୍ଠ କର୍ମକର୍ତ୍ତାମାନେ କର୍ମୀଙ୍କୁ ଏକାଠି କରି ସଙ୍ଗଠନରେ ଥିବା ତ୍ରୁଟିବିଚ୍ୟୁତି ବାହାର କରିବା ସହିତ ଏହାକୁ ସୁଧାରିବାକୁ ପ୍ରୟାସ ଜାରି ରଖିଛନ୍ତି।





ବୈଠକରେ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

# ୨ ବର୍ଷ ପରେ ଫେରିଲେ ସବ୍ୟସାଚୀ

**ପ୍ରଶିକ୍ଷଣ ଦେବାକୁ ଯାଇ ଦକ୍ଷିଣ ଆଫ୍ରିକାରେ ଫସିଥିଲେ**

- ପରିବାରରେ ଖୁସିର ଲହରି, ମା'ଙ୍କୁ ହରାଇ ମନ ଦୁଃଖ

**ଢେଙ୍କାନାଳ ଅଫିସ, ୨୪।୮**



ଭୁବନେଶ୍ୱର ବିମାନ ବନ୍ଦରରେ ପୁଅ ସବ୍ୟସାଚୀଙ୍କ ସହ ବାପା ରଞ୍ଜନ ନନ୍ଦ।

ପ୍ରଶିକ୍ଷଣ ଦେବାକୁ ଯାଇ ଦକ୍ଷିଣ ଆଫ୍ରିକାରେ ଫସିଥିବା ଢେଙ୍କାନାଳ ସଦର ଥାନା ବେଲଟିକିରି ଗ୍ରାମର ରଞ୍ଜନ ନନ୍ଦଙ୍କ ଏକମାତ୍ର ପୁଅ ସବ୍ୟସାଚୀ ଦୀର୍ଘ ୨ବର୍ଷ ପରେ ମଙ୍ଗଳବାର ଅପରାହ୍ନରେ ଘରକୁ ଫେରିଛନ୍ତି। ଏହାକୁ ନେଇ ପରିବାରରେ ଖେଳିଯାଇଛି ଖୁସିର ଲହରି। ଅନ୍ୟପଟେ ବିଦେଶରେ ଥିବାବେଳେ ମା' ଭକ୍ତିମଞ୍ଜରୀ ନନ୍ଦଙ୍କ ମୃତ୍ୟୁ ସବ୍ୟସାଚୀଙ୍କୁ ମ୍ରିୟମାଣ କରିଦେଇଛି।

ନିଜ ପ୍ରତିକ୍ରିୟାରେ ସବ୍ୟସାଚୀ କୁହନ୍ତି, ଦକ୍ଷିଣ ଆଫ୍ରିକାରେ ବିନା ଦୋଷରେ ବନ୍ଦୀ ଭଳି ଜୀବନ ବିତାଇବାକୁ ପଡୁଥିଲା। ଦେଶକୁ ଫେରିବା ପରେ ସ୍ୱାଧୀନତା ମିଳିବା ଭଳି ଅନୁଭବ ହେଉଛି। କିନ୍ତୁ ଘରକୁ ଫେରିବା ବେଳକୁ ମା'ଙ୍କୁ ଦେଖି ନ ପାରିବ ଜୀବନର ବଡ଼ ଅବସୋସ ହୋଇ ଆଜୀବନ ରହିବ ବୋଲି ସେ କୋହଭରା କଣ୍ଠରେ କହିଛନ୍ତି। ସବ୍ୟସାଚୀ ସୋମବାର ରାତି ୭ଟା ୨୦ରେ ବିମାନରେ ମୁମ୍ବାଇରେ ପହଞ୍ଚିଥିଲେ। ସେଠାରୁ ଅନ୍ୟ ଏକ ବିମାନରେ ଆସି ମଧ୍ୟାହ୍ନ ୧୨ଟା ୨୫ରେ ଭୁବନେଶ୍ୱରରେ ଓହ୍ଲାଇଥିଲେ। ବିମାନ ବନ୍ଦରରେ ଅପେକ୍ଷାରତ ବାପା ରଞ୍ଜନ ୨ ବର୍ଷ ପରେ ପୁଅକୁ ପାଖରେ ପାଇ ବିଭୋର ହୋଇଯାଇଥିଲେ। 'ଧରିତ୍ରୀ'କୁ ପ୍ରତିକ୍ରିୟା ଦେଇ ରଞ୍ଜନ କହିଛନ୍ତି, ଦକ୍ଷିଣ ଆଫ୍ରିକାସ୍ଥିତ ଭାରତୀୟ ଦୂତାବାସର ହାଇକମିଶନରଙ୍କ ସହାୟତାରେ ଜୋହାନ୍ସବର୍ଗ ପୋଲିସ ପକ୍ଷରୁ ସବ୍ୟସାଚୀଙ୍କ ପାସ୍‌ପୋର୍ଟ ଏବଂ ଅନ୍ୟାନ୍ୟ କାଗଜପତ୍ର ମିଳିଥିଲା। ଏହାପରେ ପୁଅର ଫେରିବା ବାଟ ପରିଷ୍କାର ହୋଇଯାଇଥିଲା।

ସୂଚନାଯୋଗ୍ୟ, ୨୦୧୯ ଡିସେମ୍ବରରେ ସବ୍ୟସାଚୀ ଦକ୍ଷିଣ ଆଫ୍ରିକାର 'ଫାର୍ମା କଲଚର' ସଂସ୍ଥାରେ ୩ମାସ ତାଲିମ ପ୍ରଦାନ ଲାଗି ଏକ ଆସାଇନ୍‌ମେଣ୍ଟ ପାଇ ଯାଇଥିଲେ। ୨୦୨୦ ଏପ୍ରିଲରେ ସେ ଫେରିବା କଥା। କିନ୍ତୁ କରୋନା ଲକ୍‌ଡାଉନ ଯୋଗୁ ଭାରତ ସରକାର ସମସ୍ତ ଅନ୍ତଃରାଷ୍ଟ୍ରୀୟ ବିମାନ ଚଳାଚଳ ଉପରେ ନିଷେଧାଦେଶ ଜାରି କରିଥିଲେ। ଏହାପରେ ସବ୍ୟସାଚୀ ଜୋହାନ୍ସବର୍ଗସ୍ଥିତ ଜଣେ ବ୍ୟକ୍ତିଙ୍କ ଘରେ ଭଡ଼ାରେ ରହୁଥିଲେ। ଇତିମଧ୍ୟରେ ତାଙ୍କ ଭିସା ବାତିଲ ହୋଇଯାଇଥିଲା। ୨୦୨୧ ଫେବୃୟାରୀରେ ତାଙ୍କ ସହ ଅଘଟଣ ଘଟିଲା। ସବ୍ୟସାଚୀ ଭଡ଼ାରେ ରହୁଥିବା ଘର ମାଲିକଙ୍କ ପୁଅକୁ କେତେଜଣ ଅଜଣା ବ୍ୟକ୍ତି ଗୁଳି କରି ହତ୍ୟା କରିଥିଲେ। ଏହାପରେ ପ୍ରତ୍ୟକ୍ଷଦର୍ଶୀ ଭାବେ ପୋଲିସ ସବ୍ୟସାଚୀଙ୍କୁ ଅଟକ ରଖିବା ସହ ପାସ୍‌ପୋର୍ଟ ଜବତ କରି ନେଇଯାଇଥିଲା। କୌଣସି ସୂତ୍ରରୁ ସୂଚନା ପାଇ ବାପା ରଞ୍ଜନ ଜୋହାନ୍ସବର୍ଗରେ ସବ୍ୟସାଚୀ ରହୁଥିବା ଘର ମାଲିକ ଏବଂ ପୋଲିସକୁ ଯୋଗାଯୋଗ କରିଥିଲେ। ତେବେ ତଦନ୍ତ ଶେଷ ନ ହେବା ଯାଏ ସବ୍ୟସାଚୀଙ୍କୁ ଛଡ଼ାଯିବ ନାହିଁ ବୋଲି ପୋଲିସ ଜଣାଇଥିଲା। ଏହାପରେ ସେ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରୀ ଓ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସବ୍ୟସାଚୀ ଫେରିବା ପରେ ଗ୍ରାମରେ ଖୁସିର ଲହରି ଖେଳିଯାଇଛି। ଉଲ୍ଲେଖଯୋଗ୍ୟ, ରଞ୍ଜନ ଭୁବନେଶ୍ୱର ଏଜି ଅଫିସରେ କାର୍ଯ୍ୟରତ ଅଛନ୍ତି।

## ସଂକ୍ଷେପରେ

### ୧୮ ପଜିଟିଭ୍, ୩ ମୃତ

**ଅନୁଗୋଳ ଅଫିସ, ୨୪।୮:** ଅନୁଗୋଳ ଜିଲାରୁ ମଙ୍ଗଳବାର ୧୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍‌ଙ୍କ ସଂଖ୍ୟା ୪୩ ହଜାର ୯୧୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଅଁରପାଳ ବ୍ଲକରୁ ୫ ଜଣ, ତାଳଚେର ବ୍ଲକରୁ ୪, କଣିହାଁ ବ୍ଲକରୁ ୩, ଛେଣ୍ଡିପଦା ବ୍ଲକରୁ ୩, ଅନୁଗୋଳ ବ୍ଲକରୁ ୨ ଓ ଅନୁଗୋଳ ପୌରାଞ୍ଚଳରୁ ଜଣେ ପଜିଟିଭ୍ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୪୭ ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାରୁ କରୋନାରେ ପୁଣି ୩ ଜଣଙ୍କ ଜୀବନ ଯାଇଥିବାରୁ ମୋଟ୍ ମୃତକଙ୍କ ସଂଖ୍ୟା ୩୩୫ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ଅବକାରୀ ଚଢ଼ାଉ, ୩ ଗିରଫ



**ଅନୁଗୋଳ ଅଫିସ, ୨୪।୮:** ଅନୁଗୋଳ ଜିଲା ଅବକାରୀ ବିଭାଗ ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ୬୫ ଲିଟର ଚୋରା ଦେଶୀ ମଦ, ୫ଶହ କିଲୋଗ୍ରାମ ପୋଚ ଓ ୧୨ କୁଇଣ୍ଟାଲ ୯୦ କିଲୋଗ୍ରାମ ମହୁଲ ଫୁଲ ଜବତ ପରେ ନଷ୍ଟ କରାଯାଇଥିବା ସୂଚନା ପ୍ରଦାନ କରାଯାଇଛି। ବନ୍ତଲା ଥାନା ବଣାଢ଼ିହା ଅଞ୍ଚଳର ଅଖିଳ ଭୋଇଙ୍କ ଠାରୁ ୧୫ ଲିଟର ଦେଶୀ ଚୋରା ମଦ ଜବତ ହୋଇଥିବାବେଳେ ଅରାଢ଼ିହା ଅଞ୍ଚଳର ମିଲୁ ଭୋଇଙ୍କ ନିକଟରୁ ୫୦ ଲିଟର ଦେଶୀ, ୫ଶହ କିଲୋଗ୍ରାମ ପୋଚ ଓ କଞ୍ଜା ଗ୍ରାମର ସବିତା ସାହୁଙ୍କ ନିକଟରୁ ୧୨ କୁଇଣ୍ଟାଲ ୯୦ କିଲୋଗ୍ରାମ ମହୁଲ ଫୁଲ ଅବକାରୀ ମୋବାଇଲ ସ୍କ୍ୱାଡ୍ ଜବତ କରିଛି। ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ଅନୁଗୋଳ ଅବକାରୀ ଏସ୍‌ପି ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ କରାଯାଇଥିବା ସୂଚନା ପ୍ରଦାନ କରାଯାଇଛି।

### ସଂଘବଦ୍ଧ ଆକ୍ରମଣ, ୪ ଗିରଫ

**ଛେଣ୍ଡିପଦା,୨୪।୮(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ନୂଆଗାଁ ପଞ୍ଚାୟତ ଭାଲିଆସର ଗ୍ରାମରେ ଗତ ରବିବାର ରାତିରେ ସଂଘବଦ୍ଧ ଆକ୍ରମଣରେ ୨ ଜଣ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ଭାଲିଆସର ଗ୍ରାମର ଦୁଃଖିଆ ମୁଣ୍ଡା ସେହି ଗ୍ରାମରେ ଜୟନ୍ତ ଅଗ୍ରୱାଲଙ୍କ ଏକ ଫାର୍ମହାଉସ୍‌ରେ ରୁହନ୍ତି। ରବିବାର ଅପରାହ୍ନରେ ସେହି ଗ୍ରାମର ସୁଦର୍ଶନ ମୁଣ୍ଡା ଓ ତାଙ୍କ ୩ପୁଅଙ୍କ ଗୋରୁ ଫାର୍ମହାଉସ୍ ଭିତରେ ପଶି ଫସଲ ଖାଉଥିବା ବେଳେ ଦୁଃଖିଆ ଗାଳି ଗୁଲଜ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସୁଦର୍ଶନଙ୍କ ସହ ତାଙ୍କ ୩ ପୁଅ ଦୁଃଖିଆଙ୍କୁ ଆକ୍ରମଣ କରିଥିଲେ। ଦୁଃଖିଆଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ଅପା ଶୁଶିଳା ମଧ ଆକ୍ରମଣର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଦୁହିଁଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଅଭିଯୋଗ ପରେ ବାଗଡିଆ ଫାଣ୍ଡି ଅଧିକାରୀ ଆଶିଷ କୁମାର ଦାସ ନଂ. ୩୯୧ରେ ଏକ ମାମଲା ରୁଜୁ କରି ୪ ଜଣଙ୍କୁ ଗିରଫ କରିଥିବା ସୂଚନା ଦେଇଛନ୍ତି।

### ସଙ୍ଗଠନ ସୁଦୃଢ଼ ପାଇଁ ଆଲୋଚନା

**କଣିହାଁ,୨୪।୮(ଡି.ଏନ.ଏ.):** କଣିହାଁ ବ୍ଲକ ରେଙ୍ଗାଲିସ୍ଥିତ ଡାକବଙ୍ଗଳା ପରିସରରେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳଙ୍କ ନିର୍ଦ୍ଦେଶ କ୍ରମେ ବିଜେଡିର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣିହାଁ ବ୍ଲକ ସଭାପତି କୈଳାସ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ୮ ନମ୍ବର ଜୋନ ପର୍ଯ୍ୟବେକ୍ଷକ ସୁବାସ ଚନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ୱାର୍ଡସ୍ତରରୁ ଜିଲାପରିଷଦ ପର୍ଯ୍ୟନ୍ତ କିଭଳି ଭାବେ ବିଜୁ ଜନତା ଦଳର ସଙ୍ଗଠନ ସୁଦୃଢ଼ କରାଯିବ, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ବ୍ଲକ ବିଜେଡି ସାଧାରଣ ସମ୍ପାଦକ ହିମାଞ୍ଚଳ ପଣ୍ଡା, ୮ ନମ୍ବର ଜୋନ ଆବାହକ ଜିତେନ୍ଦ୍ର ବିଶ୍ୱାଳ, ବ୍ଲକ ଯୁବସଭାପତି ଗଗନ କୁମାର ରାଉତ, ବ୍ଲକ ଛାତ୍ର ବିଜେଡି ସଭାପତି ଦେବାଶିଷ ମହାନ୍ତି, ରେଙ୍ଗାଲି ପଞ୍ଚାୟତ ପର୍ଯ୍ୟବେକ୍ଷକ କୃପାସିନ୍ଧୁ ସାହୁ, ସରପଞ୍ଚ ରଶ୍ମିତା ସେଠୀ, ଦଲକ ପଞ୍ଚାୟତ ସଭାପତି ଜୟନ୍ତ ପ୍ରଧାନ, ଶଶୀ ଶେଖର ସିଂ, ପ୍ରମୋଦ ସାମଲ, ମାଧବ ସାମଲ, ଉପସଭାପତି ବିଜୟ ସାମଲ, ଜୁଲୁ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ପ୍ରତିଭାଙ୍କୁ ମିଳିବ ପ୍ରୋତ୍ସାହନ

- ଅକ୍ଟୋବରରୁ ଅନୁଗୋଳ ଜିଲାରେ ଉଚ୍ଚ ଶିକ୍ଷା ପାଇଁ କୋଚିଂ ବ୍ୟବସ୍ଥା
- ମେଡିକାଲ, ଇଞ୍ଜିନିୟରିଂ ଓ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପିଲାଙ୍କୁ କରାଯିବ ପ୍ରସ୍ତୁତ
- ପ୍ରତି ବ୍ଲକରୁ ଛାତ୍ରୀଛାତ୍ର ଚୟନ, ଖଣି ପ୍ରଭାବିତ ଅଞ୍ଚଳକୁ ପ୍ରାଧାନ୍ୟ

**ଅମିତ କୁମାର ସାମଲ**
**ଅନୁଗୋଳ ଅଫିସ, ୨୪।୮**

ଅନୁଗୋଳ ଜିଲାର ମେଧାବୀ, ପ୍ରତିଭାବାନ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା କ୍ଷେତ୍ରରେ ମିଳିବ ଅଧିକ ପ୍ରୋତ୍ସାହନ। ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ ଜରିଆରେ ପ୍ରତି ବ୍ଲକରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାସ୍ କରିଥିବା ପିଲାଙ୍କୁ ଚୟନ କରାଯାଇ ମେଡିକାଲ, ଇଞ୍ଜିନିୟରିଂ ଓ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ବିନା ମୂଲ୍ୟରେ କୋଚିଂ ଦିଆଯିବ। ଖଣି ପ୍ରଭାବିତ ଅଞ୍ଚଳର ମେଧାବୀଙ୍କୁ ଅଧିକ ପ୍ରାଧାନ୍ୟ ମିଳିବ। ପୂର୍ବରୁ ଖଣି ଅଞ୍ଚଳର ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ଭୁବନେଶ୍ୱରରେ କୋଚିଂ ଦେବାର ବ୍ୟବସ୍ଥା ଥିଲା। କିନ୍ତୁ ଆସନ୍ତା ଅକ୍ଟୋବରରୁ ଏହା ଜିଲାରେ ଦିଆଯିବ। ଏ ନେଇ ପ୍ରଶାସନ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍)ରୁ ଏଥିପାଇଁ ଅର୍ଥ ଖର୍ଚ୍ଚ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ଅନୁଗୋଳ ଜିଲାରୁ ଅଧିକରୁ ଅଧିକ ଛାତ୍ରୀଛାତ୍ର କିପରି ନାଇଜର, ଆଇଆଇଟି, ଟ୍ରିପଲ ଆଇଟି, ଏନ୍‌ଆଇଟି, ଏମ୍ସ ଆଦି ସୁନାମଧନ୍ୟ ଶିକ୍ଷାନୁଷ୍ଠାନରେ ପଢ଼ିପାରିବେ ଓ ଦେଶ ବିଦେଶରେ ଜିଲାର ଟେକ ରଖିପାରିବେ, ସେହି ଉଦ୍ଦେଶ୍ୟରେ ପ୍ରଶାସନ ପକ୍ଷରୁ ନୂଆ ବ୍ୟବସ୍ଥା କରାଯାଉଛି। ପ୍ରବେଶିକା ପରୀକ୍ଷା ମାଧ୍ୟମରେ ଜିଲାର ପ୍ରତି ସ୍କୁଲ ଓ କଲେଜରୁ ମେଧା ଚୟନ କରାଯିବା ପରେ ସେମାନଙ୍କୁ ଗ୍ରୁପ୍ କରାଯିବ। ମେଡିକାଲ ଓ ଇଞ୍ଜିନିୟରିଂ କୋଚିଂ ପାଇଁ ବଛା ଯାଇଥିବା ୧୦୦ ପିଲାଙ୍କୁ ଅନୁଗୋଳଠାରେ ପ୍ରଶିକ୍ଷଣ ଦିଆଯିବ। ୬ ମାସ ପର୍ଯ୍ୟନ୍ତ ପ୍ରଫେସରମାନେ ପିଲାଙ୍କୁ ଶିକ୍ଷାଦାନ କରିବେ। ସେହିଭଳି ଭାରତୀୟ ପ୍ରଶାସନିକ/ପୋଲିସ ସେବା, ଓଡ଼ିଶା ପ୍ରଶାସନିକ/ପୋଲିସ ସେବା, ବ୍ୟାଙ୍କିଙ୍ଗ, ରେଲୱେ, ସେନା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ ହେଉଥିବା ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କୁ ତାଳଚେରଠାରେ କୋଚିଂ ପ୍ରଦାନ କରାଯିବ। ଏଥିପାଇଁ ୬୦ ଜଣ ଛାତ୍ରୀଛାତ୍ରଙ୍କୁ ଚୟନ କରାଯିବ। ପୂର୍ବରୁ କେବଳ ଜିଲାର ଖଣି ପ୍ରଭାବିତ ଅଞ୍ଚଳର ପିଲାଙ୍କୁ ଡିଏମ୍‌ଏଫ୍ ଅର୍ଥରେ ଭୁବନେଶ୍ୱରଠାରେ କୋଚିଂ ପ୍ରଦାନ କରାଯାଉଥିଲା। କିନ୍ତୁ ଏଯାଏ ସେପରି କୌଣସି ବିଶେଷ ସୁଫଳ ଜିଲାକୁ ମିଳି ନାହିଁ। କେବଳ ଏ ବାବଦରେ ଲକ୍ଷ ଲକ୍ଷ ଟଙ୍କା ଜିଲା ପ୍ରଶାସନ ପକ୍ଷରୁ ବ୍ୟୟ କରାଯାଇଛି। ତେଣୁ ଜିଲା ପ୍ରଶାସନ ପକ୍ଷରୁ ପୂର୍ବ ବ୍ୟବସ୍ଥାରେ ଚଳିତବର୍ଷ ପରିବର୍ତ୍ତନ ଅଣାଯାଇଛି। କାହା ସୁପାରିସରେ ପିଲା କୋଚିଂ ନେବେ ନାହିଁ। ପ୍ରବେଶିକା ପରୀକ୍ଷା ମାଧ୍ୟମରେ ହିଁ ସେମାନଙ୍କୁ ଚୟନ କରାଯାଇ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହାଦ୍ୱାରା ମେଡିକାଲ ଓ ବୈଷୟିକ ପାଠ୍ୟକ୍ରମରେ ଛାତ୍ରୀଛାତ୍ରମାନେ ସଫଳ ହେବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ହେଉଥିବା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅନୁଗୋଳ ଜିଲାର ପିଲାମାନେ ଭଲ ପ୍ରଦର୍ଶନ କରିପାରିବେ। ଏହାଛଡ଼ା ଛାତ୍ରୀଛାତ୍ରଙ୍କ ସଫଳତା ଉପରେ ପ୍ରଶିକ୍ଷଣ ପ୍ରଦାନ କରିବାକୁ ଥିବା ସଂସ୍ଥାର ଭାଗ୍ୟ ନିର୍ଦ୍ଧାରଣ କରିବ। ଯଦି ଶତପ୍ରତିଶତ ଛାତ୍ରୀଛାତ୍ର ଉନ୍ନତ ପ୍ରଦର୍ଶନ ନ କରନ୍ତି, କୋଚିଂ ଦେଉଥିବା ସଂସ୍ଥାକୁ ଅର୍ଥ ପ୍ରଦାନରେ କାଟଛାଣ୍ଟ କରାଯିବ।

#### ମେଧାବୀଙ୍କ ପାଇଁ ସୁଯୋଗ



ଅନୁଗୋଳ ଜିଲାରେ ମେଧାବୀଙ୍କ ଅଭାବ ନାହିଁ କିନ୍ତୁ ଉପଯୁକ୍ତ ସୁଯୋଗ ମିଳୁ ନ ଥିବାରୁ ସେମାନେ ପଛେଇ ଯାଉଛନ୍ତି। ତେଣୁ ଉଚ୍ଚଶିକ୍ଷା ସହ ବିଭିନ୍ନ ପ୍ରବେଶିକା ପରୀକ୍ଷାରେ କିପରି ଉନ୍ନତ ପ୍ରଦର୍ଶନ କରିପାରିବେ, ସେଥିପାଇଁ ସେମାନଙ୍କୁ ଜିଲାରେ କୋଚିଂ ଦେବାର ବ୍ୟବସ୍ଥା ହେଉଛି।
**-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ, ଅନୁଗୋଳ**

#### ଅଭିନନ୍ଦନୀୟ ପଦକ୍ଷେପ



ପୂର୍ବରୁ ଜିଲାର ସ୍ୱଚ୍ଛଳବର୍ଗର ପିଲାମାନେ ବାହାରକୁ ଯାଇ ଭଲ କୋଚିଂ ନେଉଥିଲେ। ଜିଲା ପ୍ରଶାସନର ଏହି ନୂଆ ଓ ଅଭିନନ୍ଦନୀୟ ପଦକ୍ଷେପ ପରେ ଅନୁଗୋଳରେ ଥିବା ସମସ୍ତ ପ୍ରତିଭାଙ୍କ ପାଇଁ ସୁଯୋଗ ସୃଷ୍ଟି ହେବ। ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବା ଆଶା କରାଯାଉଛି।
**-ପ୍ରଫେସର ଶାନ୍ତନୁ କୁମାର ସର, ଶିକ୍ଷାବିତ୍, ଅନୁଗୋଳ**

#### କାର୍ଯ୍ୟକାରୀ ପରେ ଜଣାପଡ଼ିବ



ଜିଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ନିଶ୍ଚିତ ସ୍ୱାଗତଯୋଗ୍ୟ। କିନ୍ତୁ ଏହା କାର୍ଯ୍ୟକାରୀ ହେବା ପରେ ଜିଲାର ଛାତ୍ରୀଛାତ୍ରମାନେ କେତେ ଉପକୃତ ହେଉଛନ୍ତି ତାହା ଜଣାପଡିବ। ତେଣୁ ସେହି ସମୟ ଯାଏ ଅପେକ୍ଷା କରିବାକୁ ହେବ।
**-ଆକାଶ ପ୍ରଧାନ, ଛାତ୍ର, ତାଳଚେର**

#### ପ୍ରଶାସନର ଭଲ ପଦକ୍ଷେପ

ଜିଲାର ବହୁ ମେଧାବୀ ଛାତ୍ରୀଛାତ୍ର ବୈଷୟିକ ଉଚ୍ଚ ଶିକ୍ଷା ପାଇଁ ଜିଲା ବାହାରକୁ ଯାଉଛନ୍ତି। ଏହାଦ୍ୱାରା ସେମାନେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଘରେ ରହି ଯଦି ସେମାନେ ଏଠାରେ ବିନା ଖର୍ଚ୍ଚରେ କୋଚିଂ ନେଇପାରିବେ, ତା'ହେଲେ ଭଲ କଥା।



**-ସୁଜିତ କୁମାର ଭୂତିଆ, ଛାତ୍ର, ଗୁଣ୍ଡରିନାଳୀ, କଣିହାଁ**

#### ସ୍ୱପ୍ନ ସାକାର ହେବ



ଜିଲା ଖଣିଜ ପାଣ୍ଠି ବ୍ୟବହାର କରାଯାଇ ଅନୁଗୋଳର ମେଧାବୀ ଛାତ୍ରୀଛାତ୍ରଙ୍କୁ ବୈଷୟିକ ଶିକ୍ଷା ନିମନ୍ତେ କୋଚିଂ ବ୍ୟବସ୍ଥା କରାଯିବା ନିଶ୍ଚିତ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ବହୁ ଗରିବ ପିଲାଙ୍କ ଉଚ୍ଚଶିକ୍ଷା ଲାଭ କରିବାର ସ୍ୱପ୍ନ ସାକାର ହୋଇପାରିବ।
**-ତ୍ରିପୁରାରି ନାଥ, ଶିକ୍ଷାବିତ, ତାଳଚେର**

#### କୋଚିଂ ସହ ନିଯୁକ୍ତି ବ୍ୟବସ୍ଥା ହେଉ



ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନାରେ ତାଲିମ ଦିଆଗଲେ ମଧ ନିଯୁକ୍ତି ମିଳିଲାନି। ତେଣୁ ବୈଷୟିକ ଶିକ୍ଷା ପାଇଁ ବିନା ମୂଲ୍ୟରେ ଏଠାରେ କୋଚିଂ ବ୍ୟବସ୍ଥା ସହ ନିଯୁକ୍ତି ଦିଗ ଉପରେ ଧ୍ୟାନ ଦିଆଯିବା ଦରକାର।
**-ବିପିନ ବିହାରୀ ସାହୁ, ରାଇପାଳ, ଛେଣ୍ଡିପଦା**

#### ଯଥାଶୀଘ୍ର ବ୍ୟବସ୍ଥା ହେଉ



ଉଚ୍ଚ ଶିକ୍ଷା ପାଇଁ ଇଚ୍ଛା ଥିଲେ ମଧ ଜିଲାର ବହୁ ଗରିବ ଛାତ୍ରୀଛାତ୍ର କୋଚିଂ ନେଇପାରୁ ନ ଥିଲେ। ଅନୁଗୋଳରେ ଏହି ବ୍ୟବସ୍ଥା ହେଲେ ନିଶ୍ଚିତ ଭାବେ ସେମାନେ ଉପକୃତ ହୋଇପାରିବେ। ଏ ନେଇ ଜିଲା ପ୍ରଶାସନ ଶୀଘ୍ର ବ୍ୟବସ୍ଥା କରୁ।
**-ଶାନ୍ତନୁ କୁମାର ମାଝି, ଛାତ୍ର, ଖମାର**

## ଛାତ୍ରଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୨୪।୮(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳର ଜଣେ ଛାତ୍ରଙ୍କୁ ଇଚ୍ଛାପୁର ଦଳିତସାହିର ଗଗନ ନାୟକ ମଙ୍ଗଳବାର ମାଡ଼ ମାରିଥିବା ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ଛାତ୍ରଙ୍କ ବାପା ଦର୍ଶାଇଛନ୍ତି, ତାଙ୍କ ପୁଅ ସାଙ୍ଗମାନଙ୍କ ସହ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ଦଳିତସାହି ଠାରେ ଥିବା ନଳକୂଅରୁ ପାଣି ପିଇଥିଲେ। ତେବେ କାହିଁକି ପାଣି ପିଉଛ ବୋଲି କହିବା ସହ ଗଗନ ପୁଅଙ୍କୁ ମାଡ଼ ମାରିବା ସହ ସ୍କୁଲ ନ ଆସିବାକୁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

**ବଇଣ୍ଡା,୨୪।୮(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା କଦଳୀମୁଣ୍ଡା ଶିଶୁମନ୍ଦିର ସାହିରେ ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ମୋହନ ମାଝି (୬୫)ଙ୍କ ମୃତ୍ୟୁ ହୋଇଛି। ବଇଣ୍ଡା ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ନମ୍ବର ୮/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପୋଲିସ କହିଛି, ମୋହନ ଜମିକୁ ପାଣି ମଡାଇବା ପାଇଁ ଘରେ ଥିବା ପାଣି ପମ୍ପ ଲଗାଉଥିବା ବେଳେ ବିଦ୍ୟୁତ୍ ଆଘାତରେ ଘଟଣାସ୍ଥଳରେ ଟଳି ପଡ଼ିଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ବଇଣ୍ଡା,୨୪।୮(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମର ଧର୍ମପ୍ରାଣା ମହିଳା କଳ୍ପନା ବେହେରା (୫୦)ଙ୍କ ସୋମବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ପୁଅଙ୍କ ସହ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ମିଳିବା ପରେ ବଇଣ୍ଡାରେ ଶୋକର ଛାୟା ଖେଳିଯାଇଛି।

## ଖାତାକୁ ଆସିଲା ଜବରଦଖଲ ଜମି



ଜବରଦଖଲ ଉଚ୍ଛେଦ କରିବାକୁ ଆସିଥିବା ଅଧିକାରୀମାନେ।

**ଅନୁଗୋଳ ଅଫିସ, ୨୪।୮**

ଅନୁଗୋଳ ପୌରାଞ୍ଚଳ ହାଟଛକ ନିକଟରେ ଜବରଦଖଲରେ ଥିବା ଖଲାରୀ ମୌଜାର ଖାତା ନଂ. ୬୫୪ ଓ ପ୍ଲଟ ନଂ. ୧୧୨୧ ଜମି ସରକାରୀ ଖାତାକୁ ଫେରିଛି। ଜଣେ ଜମି ମାଫିଆ ଦୀର୍ଘଦିନ ହେଲା ଏହାକୁ ଅକ୍ତିଆର କରିଥିଲେ। ଗତ ୨୦ ତାରିଖରେ ଏ ନେଇ ଅଭିଯୋଗ ଆସିଥିଲା। ଅନୁଗୋଳ ତହସିଲଦାର ବିମଳ କୁମାର ଲେଙ୍କା ଓ ଅତିରିକ୍ତ ତହସିଲଦାର ପ୍ରଶାନ୍ତ ସିଂହ ଘଟଣାସ୍ଥଳକୁ ଯାଇଥିବା ବେଳେ ଜମି ମାଫିଆ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏ ନେଇ ତହସିଲଦାର ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୋମବାର ତହସିଲଦାରଙ୍କ ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଜମିକୁ ଜବରଦଖଲ ମୁକ୍ତ କରିବା ସହ ବୁଲଡୋଜର ଲଗାଇ ସମତୁଲ କରିଥିଲେ। ଏଥିସହ ଉକ୍ତ ସ୍ଥାନରେ ସରକାରୀ ବୋର୍ଡ ଲଗାଇଥିଲେ। ଏହି ଉଚ୍ଛେଦରେ ତହସିଲଦାର ଲେଙ୍କାଙ୍କ ସହ ସଦର ଆର୍‌ଆଇ ସୁବ୍ରତ ପ୍ରଧାନ, ପଞ୍ଚମହଲା ଆର୍‌ଆଇ ଟିକନ ବେହେରା, ଅମିନ ସାରଥି ବେହେରା, ଅନୁଗୋଳ ଥାନା ଏଏସଆଇ ଜୟଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ସରକାରୀ ଜାଗାକୁ ମାଡ଼ିବସିଥିବା ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଛେଣ୍ଡିପଦାକୁ ମରୁଡ଼ି ଘୋଷଣା ଦାବି

**ଛେଣ୍ଡିପଦା,୨୪।୮(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଜରପଡା ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ସୋମବାର ଦୁର୍ଗାପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ମଦନ ମୋହନ ଗଡନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡନାୟକ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଯଶୋବନ୍ତ ପ୍ରସାଦ ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକର୍ତ୍ତାମାନେ ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ସାମ୍ପ୍ରତ୍ୟ ମରୁଡି ପରିସ୍ଥିତିକୁ ନେଇ ଉଦବେଗ ପ୍ରକାଶ ପାଇଥିଲା । ପ୍ରଶାସନ ପକ୍ଷରୁ ଠିକ ଆକଳନ କରି ତୁରନ୍ତ ବ୍ଲକକୁ ମରୁଡି ଘୋଷଣା କରା ନ ଗଲେ ଭାଜପା ରାସ୍ତାକୁ ଓହ୍ଲାଇବା ସହିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।



ଅନୁଗୋଳର ଆରାଧ୍ୟା ମା' ବୁଢ଼ୀ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ ଅବସରରେ ଶ୍ରଦ୍ଧାଳୁମାନେ ଆଳତି ନେଉଛନ୍ତି।

## ଚୋରି ସାମଗ୍ରୀ ଜବତ, ୨ ଗିରଫ

**ଛେଣ୍ଡିପଦା,୨୪।୮(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ କୋଶଳାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ଗତ ଗୁରୁବାର ରୋଷେଇ ସାମଗ୍ରୀ ଚୋରି ହୋଇଥିଲା। ପ୍ରଧାନ ଗୁରୁଜୀ ବିଦ୍ୟାଧର ଶତପଥୀ ଏ ନେଇ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଚୋରି ସାମଗ୍ରୀ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ ଜଣ କୋଶଳା ଗୋଛାୟତସାହିର ଘାଉ ଗୋଛାୟତ ଓ ବଳିଆ ଗୋଛାୟତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଥାନା ଏସ୍‌ଆଇ ଦିଗାମ୍ବର ଜେନା ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ଘରୁ ସମସ୍ତ ସାମଗ୍ରୀ ଜବତ କରିବା ପରେ ଶିଶୁ ମନ୍ଦିରରେ ଜିମା ଦେଇଛନ୍ତି। ଏ ସଂକ୍ରାନ୍ତରେ ନଂ. ୨୯୪/୨୧ରେ ମାମଲା ରୁଜୁ କରାଯାଇଛି।

## ବୁଥସ୍ତରୀୟ ଅଧିକାରୀମାନେ ଯତ୍ନବାନ ହୁଅନ୍ତୁ

**ବଇଣ୍ଡା,୨୪।୮(ଡି.ଏନ.ଏ.)**

କିଶୋରନଗର ବ୍ଲକ ସଭାଗୃହ ପରିସରରେ ମଙ୍ଗଳବାର ଉପଖଣ୍ଡ ପ୍ରଶାସନ ପକ୍ଷରୁ ୨୦୨୨ ମସିହା ଭୋଟର ପରିଚୟପତ୍ର ସଂଶୋଧନ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା ଯୋଗଦେଇ କିଭଳି ଭୋଟର ପରିଚୟ ନିର୍ଭୁଲରେ ସଂଶୋଧନ ହେବ ସେଥିପ୍ରତି ବୁଥସ୍ତରୀୟ ଅଧିକାରୀମାନେ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ନୂତନ ଯୁବ ପିଢ଼ିଙ୍କୁ ଏଥିରେ ସାମିଲ କରାଯାଇ ୧୮ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ନୂତନ ଭୋଟର ପରିଚୟ ପତ୍ର ଯୋଗାଇ ଦେବାପାଇଁ କହିଥିଲେ। ଅନ୍ୟତମ ଅତିଥି ଭାବେ କିଶୋରନଗର ଏବିଡିଓ ଜ୍ୟାତିରଞ୍ଜନ ପ୍ରଧାନ, ଡେପୁଟି କଲେକ୍ଟର ଲମ୍ବୋଦର ମାରାଣ୍ଡି, କିଶୋରନଗର ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ନରୋତ୍ତମ ପ୍ରଧାନ ଯୋଗଦେଇଥିଲେ। ଏଥିରେ ବ୍ଲକର ସମସ୍ତ ବୁଥସ୍ତରୀୟ ଅଧିକାରୀ ଓ ସୁପରଭାଇଜର ଯୋଗଦେଇଥିଲେ।



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ବୁଥସ୍ତରୀୟ ଅଧିକାରୀ ଓ ସୁପରଭାଇଜରମାନେ।

## ମାର୍କ ନେଇ ଆବେଦନକାରୀ ସଂସ୍ଥା ଅସନ୍ତୁଷ୍ଟ

- ପୁନଃ ଯାଞ୍ଚ ପାଇଁ ଜିଲାପାଳ, କମିଟି ଅଧକ୍ଷଙ୍କୁ ଚିଠି ଲେଖିବ
- ଆର୍‌ଟିଆଇରେ ମାଗିବ ଟେଣ୍ଡର କାର୍ଯ୍ୟାଦେଶ ତଥ୍ୟ

**ଅନୁଗୋଳ ଅଫିସ, ୨୪।୮**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ମାନବ ସମ୍ବଳ ଯୋଗାଇବା ପାଇଁ କରାଯାଇଥିବା ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଶେଷ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବା ୩ଟି ଆବେଦନକାରୀ ସଂସ୍ଥା ମଧ୍ୟରୁ ପୂର୍ବରୁ କାର୍ଯ୍ୟ କରୁଥିବା ଠିକା ସଂସ୍ଥାକୁ ଟେଣ୍ଡର ମିଳିଥିବାରୁ ଏହାକୁ ନେଇ ପ୍ରଶ୍ନ ଉଠାଇଛି ଅନ୍ୟ ଏକ ସଂସ୍ଥା। ଟେଣ୍ଡର କାଗଜପତ୍ର ପୁନଃ ଯାଞ୍ଚ କରାଯିବାକୁ ଜିଲାପାଳଙ୍କ ସହ ଟେଣ୍ଡର କମିଟିରେ ଥିବା ସଦସ୍ୟ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଓ କମିଟି ଅଧ୍ୟକ୍ଷ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖାଯିବ ବୋଲି କେୟାର ସିକ୍ୟୁରିଟି ସଂସ୍ଥା ପକ୍ଷରୁ କୁହାଯାଇଛି। ଏପରି କି ସୂଚନା ଆଇନ(ଆରଟିଆଇ)ରେ ତଥ୍ୟ ମଗାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

କେୟାର ସିକ୍ୟୁରିଟି ସଂସ୍ଥା ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଟେକ୍ନିକାଲ ମାର୍କିଂରେ ପାତର ଅନ୍ତର ହୋଇଛି। ଟେକ୍ନିକାଲ ବିଡ୍‌ରେ ୩ ସଂସ୍ଥା ଶର୍ଟଲିଷ୍ଟ ହୋଇଥିଲା। ଗତ ୨୧ ତାରିଖରେ ଟେକ୍ନିକାଲ ବିଡ୍ ପେପର ଖୋଲାଯାଇଥିଲା। କିନ୍ତୁ ମାର୍କ ହିସାବ ହୋଇ ନ ଥିଲା। ପରେ ମାର୍କ ହିସାବ କରାଯାଇ ଗୋଟିଏ ସଂସ୍ଥାକୁ ୫୨ ମାର୍କ ପ୍ରଦାନ କରାଯାଇଥିବାବେଳେ କେୟାର ସିକ୍ୟୁରିଟି ସଂସ୍ଥାକୁ ୫୫ ମାର୍କ ଓ ଟେଣ୍ଡର ପାଇଥିବା ସଂସ୍ଥାଙ୍କୁ ୬୦ରୁ ୬୦ ମାର୍କ ପ୍ରଦାନ କରାଯାଇଛି। ନିୟମ ଅନୁଯାୟୀ, ଟେକ୍ନିକାଲ ମାର୍କକୁ ବିଡରଙ୍କ ସମ୍ମୁଖରେ ଖୋଲାଯିବା କଥା। ଫଳରେ ସନ୍ଦେହ ହେଲେ ତାହା ତୁରନ୍ତ ସେହିଠାରେ ଦୂର ହୋଇପାରିବ। କିନ୍ତୁ ମେଡିକାଲ କର୍ତ୍ତୃପକ୍ଷ ତାହା କଲେ ନାହିଁ। ଦଲାଲ୍‌ମାନେ କେତେଜଣ ଅସାଧୁ କର୍ମଚାରୀ ଓ ଅଧିକାରୀଙ୍କୁ ଧରି ଟେଣ୍ଡର ପ୍ରଦାନ କରିବାରେ ସଫଳ ହେଲେ। ପୂର୍ବରୁ ମଧ ଇ-ଟେଣ୍ଡର ପରିବର୍ତ୍ତେ ପେପର ଟେଣ୍ଡର କରି ସରକାରୀ ନିୟମ ଉଲ୍ଲଂଘନ କରାଯାଇଥିଲା। ତେଣୁ ବୁଧବାର ପୁନଃ ଯାଞ୍ଚ ପାଇଁ ପ୍ରଶାସନ ସହ ମେଡିକାଲ ପ୍ରଶାସନକୁ ଚିଠି କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଅଭିଯୋଗ ସମ୍ପର୍କରେ ଟେଣ୍ଡର କମିଟିର ଜଣେ ସଦସ୍ୟ କହିଛନ୍ତି, ଟେକ୍ନିକାଲ ମାର୍କିଂ ଘଟଣାସ୍ଥଳରେ ହେବା ନିୟମ ରହିଛି। କିନ୍ତୁ କାହିଁକି ଉକ୍ତ ଦିନ ତାହା ହେଲା ନାହିଁ ସେ ଜାଣିନାହାନ୍ତି। ଟେଣ୍ଡର କମିଟି ଅଧକ୍ଷ ତଥା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ କହିଛନ୍ତି, ଟେକ୍ନିକାଲ ବିଡ୍‌ରେ ଯେଉଁମାନେ ଉତ୍ତୀର୍ଣ୍ଣ ହୋଇଥିଲେ, ସେମାନଙ୍କର ମଙ୍ଗଳବାର ଫାଇନାନ୍‌ସିଆଲ୍ ବିଡ୍ ଖୋଲାଯାଇଛି। କାହାର କେତେ ମାର୍କ ରହିଛି, ତାହା ସେମାନଙ୍କୁ ଅବଗତ କରାଯାଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରକାଶ କରିଛନ୍ତି।



ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ।

